# ଓଡ଼ିଶା ବିଧାନସଭା

## ଷଷ୍ଠ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
## ୧୨ ମାର୍ଚ୍ଚ ୨୦୨୬

----

[ମୁଖ୍ୟମନ୍ତ୍ରୀ - ଯୋଜନା ଓ ସଂଯୋଜନ - ସୂଚନା ଓ ଲୋକ ସମ୍ପର୍କ - ପରିବହନ - ବାଣିଜ୍ୟ - ଜଳ ସମ୍ପଦ - ଇସ୍ପାତ ଓ ଖଣି - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ].

**ମୋଟ ପ୍ରଶ୍ନର ସଂଖ୍ୟା 31**

----

### ଜମି ପ୍ରଦାନ

***183 ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରୀୟ ଯୋଗ ଓ ନେଚରପାଥି ଗବେଷଣା ପ୍ରତିଷ୍ଠାନ ନିମନ୍ତେ ରାଜ୍ୟ ସରକାର ଯୋଗାଇ ଦେଇଥିବା 20 ଏକର ଜାଗାରେ ଜମି ଅଧିଗ୍ରହଣ ସହ ଗବେଷଣା ପ୍ରତିଷ୍ଠାନ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି କିମ୍ବା ଜମି ଜନିତ କୌଣସି ସମସ୍ୟା ଲାଗିରହିଛି ; ଜମି ଜନିତ ସମସ୍ୟାକୁ ଦୂର କରିବା ପାଇଁ ସରକାର ତାର କିଛି ବିକଳ୍ପ ଚିନ୍ତା କରୁଛନ୍ତି କି?

----

### କୁକୁରପେଟା Minor Irrigation Project ର ଜଳଧାରଣ କ୍ଷମତା ବୃଦ୍ଧି

***271 ଶ୍ରୀ ଅଗସ୍ତି ବେହେରା (ଛେଣ୍ଡିପଦା ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଛେଣ୍ଡିପଡା ବ୍ଲକର କୋଶଳା ଗ୍ରାମର ତେଲିକରି ବନ୍ଧ ପାଇଁ ଜଳଭଣ୍ଡାର କ୍ଷମତା ବୃଦ୍ଧି ଉଦ୍ଦେଶ୍ୟରେ ଖନନ କାର୍ଯ୍ୟ ନେବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ବିଚାରାଧୀନ ଅଛି କି, ଯଦି ଅଛି, ତେବେ ତାହାର ବର୍ତ୍ତମାନ ସ୍ଥିତି କଣ, (ଖ) Kukurpeta (କୁକୁରପେଟା) MIP (Minor Irrigation Project) ର ଜଳଧାରଣ କ୍ଷମତା ବୃଦ୍ଧି କରି ଅଧିକ କୃଷି ଜମିକୁ ସେଚନ ସୁବିଧା ଯୋଗାଇବା ପାଇଁ ସରକାର କୌଣସି ଯୋଜନା ଗ୍ରହଣ କରିଛନ୍ତି କି, ଉକ୍ତ MIP ର କେନାଲ ଶେଷ ମୁଣ୍ଡ ବ୍ରାହ୍ମଣବିଲ ଗ୍ରାମ ପର୍ଯ୍ୟନ୍ତ ବିସ୍ତାର କରି ଜଳସେଚନ ସୁବିଧା ପ୍ରଦାନ କରିବା ପାଇଁ କୌଣସି ପ୍ରକଳ୍ପ ପ୍ରସ୍ତୁତ ହୋଇଛି କି, ଯଦି ନାହିଁ, ତେବେ ଏହା ପାଇଁ କେବେ ପଦକ୍ଷେପ ନିଆଯିବ ?

----

## ଅଶୁଂଘାତ ମୁକାବିଲା ପାଇଁ ପଦକ୍ଷେପ

*272 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଂଶୁଘାତ ମୁକାବିଲା କରିବା ସହ ଜନଜୀବନର ସୁରକ୍ଷା ପାଇଁ ସରକାରଙ୍କ ତରଫରୁ କେଉଁ ପ୍ରକାରର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାର ଯୋଜନା ରହିଛି?

----

## ସୁନାଖଣି ସହିତ ଅନ୍ୟ ଖଣିର ସନ୍ଧାନ

*273 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସୁନାଖଣି ସମେତ ଅନ୍ୟ କେଉଁ ପ୍ରକାର ଖଣିର ସନ୍ଧାନ ମିଳିଛି ; ସେଗୁଡିକର ପ୍ରତ୍ୟେକଟିର ବୈଷୟିକ (Technical) ଅନୁସନ୍ଧାନ ହୋଇଛି କି ; ଏହା ହୋଇଥିଲେ ପ୍ରତ୍ୟେକଟିର କେଉଁ ପ୍ରକାର ରିପୋର୍ଟ ସରକାରଙ୍କୁ ମିଳିଛି ; ଏହି ଅନୁସାରେ ଖଣିରୁ ଉତ୍ତୋଳନ କାର୍ଯ୍ୟ ଆରମ୍ଭ କେଉଁ ପର୍ଯ୍ୟାୟରେ?

----

## WODC କୁ ମିଳିଥିବା ଅନୁଦାନ

*274 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପଶ୍ଚିମ ଓଡିଶା ବିକାଶ ପରିଷଦ ପାଇଁ ରାଜ୍ୟ ସରକାର ବାର୍ଷିକ କେତେ କୋଟି ଟଙ୍କା ଅନୁଦାନ ଦିଅନ୍ତି ; 2024-2025 ଓ 2025-2026 ଆର୍ଥିକ ବର୍ଷରେ କେତେ ଟଙ୍କାର ଅନୁଦାନ WODC କୁ ଦିଆଯାଇଛି ଏବଂ ଏହାର ବର୍ତ୍ତମାନ ସୁଦ୍ଧା କେତେ ଅନୁଦାନ WODC ମଂଜୁର କରିଛନ୍ତି ଏବଂ ଏହାର ଖର୍ଚ୍ଚ ପରିମାଣ କେତେ ; ଏହାର ବାର୍ଷିକ ଅନୁଦାନ କରିବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି?

----

## ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପର ଅଗ୍ରଗତି

*275 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପର ଅଗ୍ରଗତି କଣ ; କିଏ ଏବଂ କେଉଁ ନିୟମାବଳୀରେ ଏହାର ନିର୍ମାଣ କାର୍ଯ୍ୟ କରୁଛି ; ଏଥିପାଇଁ କେତେ ଅର୍ଥ ଖର୍ଚ୍ଚ ହେବ ଓ କେବେ ସୁଦ୍ଧା ଉକ୍ତ ବନ୍ଦର କାର୍ଯ୍ୟକ୍ଷମ ହେବ?

----

## କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ବୀମା ପ୍ରଦାନ

***276 ଶ୍ରୀ ଦିବ୍ୟ ଶଙ୍କର ମିଶ୍ର (ଜୁନାଗଡ଼):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଗତ ୩ ବର୍ଷ ମଧ୍ୟରେ କଳାହାଣ୍ଡି ଜିଲ୍ଲାରେ ଗଣମାଧ୍ୟମ ସାମ୍ବାଦିକଙ୍କୁ ସରକାରୀ ମାନ୍ୟତା (ଆକ୍ରେଡଟେସନ) ପ୍ରଦାନ କରାଯାଇଛି, ଉକ୍ତ ସମୟ ସରକାର ନୂତନ ମାନ୍ୟତା ପ୍ରଦାନ କିମ୍ବା ପୁନଃ ନିରୀକ୍ଷଣ କରାଯାଇଛି କି, ଯଦି ନୁହେଁ ତେବେ କଳାହାଣ୍ଡି ଭଳି ଦୁର୍ଗମ ଓ ପଛୁଆ ଅଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସରକାରଙ୍କ ବୀମା, ବୀମାର ସମୟଚିତ ନବୀକରଣ ଓ ଅନ୍ୟାନ୍ୟ କଲ୍ୟାଣ ଯୋଜନାର ସୁବିଧା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବେ କି ?

----

## ସରକାରୀ ବସଷ୍ଟାଣ୍ଡ ନିର୍ମାଣ

***277 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଉରକେଲା ଇସ୍ପାତ ସହରାଞ୍ଚଳରେ ପ୍ରତିଷ୍ଠା ହୋଇଥିବା ସରକାରୀ Bus Stand ଗତ 25/30 ବର୍ଷ ହେବ ଏପରି ଜରାଜୀର୍ଣ୍ଣ ଆବସ୍ଥାରେ ଥିବାରୁ ଏହାର ମରାମତି ପାଇଁ ପଦକ୍ଷେପ ନେବେ କି ?

----

## ମୁଖ୍ୟ କେନାଲକୁ ସମ୍ପ୍ରସାରଣ

***278 ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ଅବସ୍ଥିତ ସାଲିଆ ଡ୍ୟାମ ଦୀର୍ଘ (୫୦) ବର୍ଷ ତଳେ ନିର୍ମାଣ ହୋଇ ସେ ଅଞ୍ଚଳର ଜଳସେଚନରେ କାର୍ଯ୍ୟ କରୁଛି, ଏହି ପୂରାତନ ଡ୍ୟାମଟି ବର୍ତ୍ତମାନ ମାଟି ପୋତି ହୋଇଯିବାରୁ ଏହାର ଜଳଧାରଣ କ୍ଷମତା କମି କମି ଆସୁଛି ଏଣୁ ଏହାର ଉପଯୁକ୍ତ ନିର୍ମାଣ ସହିତ ସୁମଣ୍ଡଳରେ ଠାରେ ଥିବା ମୁଖ୍ୟ କେନାଲକୁ ବିରିବାଟିଆ ପର୍ଯ୍ୟନ୍ତ ସଂମ୍ପ୍ରସାରଣ କରିବାର ବ୍ୟବସ୍ଥା କରିବେ କି ?

----

## ବରାଦ ଅର୍ଥ ଖର୍ଚ୍ଚ ସମ୍ପର୍କରେ

***279 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜସ୍ୱ ଓ ବିପର୍ଯ୍ୟୟ ଏହି ବିଭାଗ ପାଇଁ ଗତ ଆର୍ଥିକ ବର୍ଷରେ ବଜେଟରେ କେତେ ଅର୍ଥ ବରାଦ ହୋଇଥିଲା ଓ ଏଥିରୁ କେତେ ଅର୍ଥ କେଉଁ କେଉଁ ବାବଦରେ ବ୍ୟୟ ହୋଇଛି ; ବରାଦ ଅର୍ଥ ଖର୍ଚ୍ଚ କରିବାପାଇଁ ବିଭାଗ ପକ୍ଷରୁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯାଇଥିଲା ଓ ଏଥିରେ କେତେ ସଫଳତା ମିଳିଛି ?

----

## ବାଲି ଯୋଗାଣ ପାଇଁ Tender ପ୍ରକ୍ରିୟା

***280 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ କୌଣସି ଖଣି ଖାଦାନ ନଥିବା ବେଳେ ଜଳ ଉତ୍ସ ବି ବହୁତ କମ, ନିର୍ମାଣ କାର୍ଯ୍ୟ ପାଇଁ ନଦୀ ବାଲିର ନିତ୍ୟନ୍ତ ଆବଶ୍ୟକ ପଡୁଥିବା ବେଳେ ଜିଲ୍ଲାରେ ବାଲି ଯୋଗାଣ ପାଇଁ ଟେଣ୍ଡର ପ୍ରକ୍ରିୟା କରାଯାଉନଥିବାରୁ ବିଭିନ୍ନ ବିଭାଗ ଅଧିନରେ କରାଯାଉଥିବା ନିର୍ମାଣ କାର୍ଯ୍ୟ, ଗରିବ ପରିବାରକୁ ବଣ୍ଟନ କରାଯାଉଥିବା ଆବାସ ଗୃହ ଯୋଜନା ତଥା ନିଜସ୍ୱ ସ୍ୱଳ୍ପ ଅର୍ଥରେ ଏକ ବାସଗୃହ ନିର୍ମାଣ କରିବା ପାଇଁ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଜନସାଧାରଣଙ୍କ ଏହି ମୌଳିକ ସମସ୍ୟାର ସମାଧାନ ପାଇଁ ତୁରନ୍ତ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## ଖଣିଜ ପାଣ୍ଠିରୁ ମିଳିଥିବା ଅର୍ଥ

***281 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ଜିଲ୍ଲାର ଜିଲ୍ଲା ଖଣିଜ ପାଣ୍ଠିକୁ ଗତ 5 ବର୍ଷରେ କେଉଁ କେଉଁ ଖଣିରୁ କେତେ ଟଙ୍କା ଅନୁଦାନ ଆସିଛି, (ଖ) ଜିଲ୍ଲା ଖଣିଜ ପାଣ୍ଠିରୁ ଗତ 5 ବର୍ଷରେ କେଉଁ କେଉଁ କାର୍ଯ୍ୟ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଅଛି ଓ କେଉଁ କାର୍ଯ୍ୟ ସରିଛି ଓ କେଉଁ କାର୍ଯ୍ୟ ଚାଲୁଅଛି ?

----

## ବନ୍ଦର ଦେଇ ଖଣିଜ ସମ୍ପଦ ରପ୍ତାନୀ

***282 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ବାଣିଜ୍ୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ରାଜ୍ୟର କେଉଁ ବନ୍ଦର ବାଟ ଦେଇ କେଉଁ କେଉଁ ଖଣିଜ ସମ୍ପଦ କେତେ ପରିମାଣର ବାହାର ଦେଶକୁ ରପ୍ତାନୀ କରାଯାଇି ସେ ବାବଦରେ ରାଜ୍ୟ ସରକାର କେତେ ରାଜସ୍ୱ ଓ ଟିକସ୍ ଆଦାୟ ହୋଇଛି ଦର୍ଶାଇବେ କି ?

----

## RTO ମାନଙ୍କ ଦ୍ୱାରା Automatic Driving Testing Centre

***283 ଡ଼ଃ ଦୁର୍ଗା ପ୍ରସନ ନାୟକ (ମହାକଳାପଡା):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Automatic Driving Testing Centre କେଉଁ କେଉଁ RTO ମାନଙ୍କ ଅଧିନରେ କାର୍ଯ୍ୟକାରୀ ହୋଲାଣି ଯଦି ହୋଇନାହିଁ ଆଗାମୀ ଦିନରେ ସରକାର ଏ ଦିଗରେ କି କି ପଦକ୍ଷେପମାନ ନେବାକୁ ଯାଉଛନ୍ତି ?

----

## L.I. Point ଦ୍ୱାରା ଜମିକୁ ଜଳସେଚନ

***284 ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- 2024-25 ଓ 2025-26 ଆର୍ଥିକ ବର୍ଷରେ କେତେ L.I. Point ନିର୍ମାଣ କରାଯାଇ କେତେ ଜମିପାଇଁ ଜଳ ସଚନ ସାମର୍ଥ୍ୟ ସୃଷ୍ଟି କରାଯାଇ ପାରିଛି ତାର ଜିଲ୍ଲାୱାରୀ ତଥ୍ୟ ଓ ବ୍ୟୟ ଖର୍ଚ୍ଚ ଅଟକଳ କରିମାଣ କେତେ ?

----

## ସରକାରୀ ଜମି ହସ୍ତାନ୍ତର

***285 ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ବିଗତ ୫ ବର୍ଷରେ କେତେ ଏକର ସରକାରୀ ଜମି କେଉଁ କେଉଁ ବିଭାଗକୁ ହସ୍ତାନ୍ତର କରାଯାଇଛି, ଉଭୟ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ପ୍ରଦାନ କରାଯାଇଛି ?

----

## ମାଲାଙ୍ଗ ଟୋଲି ଲୌହ ଖଣିରେ ଗଚ୍ଛିତ ଥିବା ଲୌହ ପଥର

***286 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଓ ସୁନ୍ଦରଗଡ ସୀମାରେ ଥିବା ମାଲାଙ୍ଗ ଟୋଲି ବୃହତ୍ତ ଲୌହ ପଥର ଖଣିଟି କେତେ ବର୍ଗ କିଲୋ ମିଟର ଅଟେ, ଉକ୍ତ ଖଣିରେ କେତେ ଖଣିଜ ପଦାର୍ଥ ଗଚ୍ଛିତ ଅଛି ବୋଲି Geology survey of India ଦ୍ୱାରା ପ୍ରମାଣିତ ହୋଇଅଛି, ସେହି ଖଣିକୁ ଭିତ୍ତିକରି ରାଜ୍ୟରେ ବୃହତ୍ତ ଶିଳ୍ପ ପ୍ରତିଷ୍ଠା କଲେ ହଜାର ହଜାର ଯୁବକ ଯୁବତୀ କର୍ମ ନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ପରୋକ୍ଷ ଭାବରେ ଅନେକ ଲୋକ ଜୀବନ ଜୀବିକା ନିର୍ବାହ କରି ପାରିବେ ?

----

## କ୍ରିଟିକାଲ ଗ୍ୟାପ୍ ଫଣ୍ଡରେ ଆବଣ୍ଟନ

***287 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର 2024-25 ଓ 2025-26 ରେ କେଉଁ କେଉଁ ଜିଲ୍ଲାକୁ କେତେ କେତେ ପରିମାଣର ଅର୍ଥ ରାଶି କ୍ରିଟିକାଲ ଗ୍ୟାପ୍ ଫଣ୍ଡ ଯୋଜନାରେ ଆବଣ୍ଟନ କରିଛନ୍ତି ଓ 2026-27 ଆର୍ଥିକ ବର୍ଷରେ କେତେ କେତେ ରାଶି କେଉଁ କେଉଁ ଜିଲ୍ଲାକୁ ଆବଣ୍ଟନ ପାଇଁ ବଜେଟ୍ ବ୍ୟବସ୍ଥା କରିଛନ୍ତି, (ଖ) ଏହି ଅର୍ଥ ବ୍ୟୟ ନିର୍ମିତ କି ମାର୍ଗଦର୍ଶିକା ରହିଛି ଓ ଏହାର ତ୍ୱରିତ ବ୍ୟୟ ନିମନ୍ତେ ସରକାର ନିଷ୍ପତ୍ତି ନେବେ କି ?

----

## ଲକ୍ଷ୍ମୀ ବସ ସେବା ବିଫଳ

***288 ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ସରକାର ଅମଳରେ ଲକ୍ଷ୍ମୀ ବସ ଯୋଜନା କେଉଁ କାରଣ ଯୋଗୁ ବିଫଳ ହେଲା, ବର୍ତ୍ତମାନ ଏହା ଦ୍ୱାରା ସରକାରଙ୍କ ରାଜକୋଷରୁ କେତେ ଖର୍ଚ୍ଚ କରିବାକୁ ପଡୁଛି, ଏହାର ତଦନ୍ତ କରିବା ପାଇଁ ସରକାର ଯୋଜନା କରିବେ କି ?

----

## ଆଡି ବନ୍ଧ ନିର୍ମାଣ

***289 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- କପ୍ତିପଦା ବ୍ଲକ ଅନ୍ତର୍ଗତ ଠକଠକି ନଦୀ ମେଲାଘାଟୀ ଠାରେ ନୂତନ ଭାବରେ ହେବାକୁ ଥିବା ଆଡିବନ୍ଧ, ପଥର Packing କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ପ୍ରତିଷ୍ଠିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଚାଲୁଥିବା ଜାଗା ତାଙ୍କ ନାମରେ ରେକର୍ଡ କରିବା

***290 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ କଲେଜ ସହିତ ରାଜ୍ୟରେ ସରକାରୀ ଯାଗାରେ ପ୍ରତିଷ୍ଠିତ କେଉଁ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟ, ବିଦ୍ୟାଳୟ ନାମରେ ଅନୁଷ୍ଠାନ ଅବସ୍ଥିତ ଜାଗାକୁ ସ୍ୱତ୍ୱଭୁକ୍ତ କରି ପଟ୍ଟା ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି, ଏହି ପ୍ରକ୍ରିୟା କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ

***291 ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ କେଉଁ ଅଞ୍ଚଳରେ କେତେ ପଥର ଖଣି, ମାଟି, ବାଲି ସୈରାତକୁ କେବେଠାରୁ ନିଲାମ ଦିଆଯାଇନି, ଏହାର କାରଣ କଣ ନିଲାମ ଦିଆଯାଇନଥିବା କେଉଁ ଖଣି/ସୈରାତ୍ ରୁ କେତେଥର କେତେ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ଧରାପଡିଛି, ତାହାର ତାଲିକା ପ୍ରଦାନ କରି କଣ ପ୍ରତିକାର କରାଯାଇଛି, ଜଣାଇବେକି ?

----

## K.B.K ବିକାଶ ପାଇଁ ଅର୍ଥ ବ୍ୟୟ ବରାଦ

***292 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପଶ୍ଚିମ ଓଡିଶାର ବିକାଶ ପରିଷଦ ଓ K.B.K ବିକାଶ ରେ 2024-2025 ଓ 2025-26 ବର୍ଷରେ କେତେ ଅର୍ଥ ବ୍ୟୟବରାଦ କରାଯାଇଥିଲା, ସେଥିରୁ ବର୍ତ୍ତମାନ ସୁଦ୍ଧା କେଉଁ ନିର୍ବାଚନ ମଣ୍ଡଳୀକୁ କେତେ ଅର୍ଥ ପ୍ରଦାନ କରାଯାଇ, କେତେ ଖର୍ଚ୍ଚ କରାଯାଇଛି ?

----

## ନିର୍ମାଣଧିନ ଟର୍ମିନାଲର ସ୍ଥିତି

***293** **ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୁନ୍ଦରଗଡ ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥିତ OSRTC ବସ ଟର୍ମିନାଲ ରେ ଏପର୍ଯ୍ୟନ୍ତ ଯାତ୍ରୀ ବିଶ୍ରାମଗାର, ପର୍ଯ୍ୟାପ୍ତ ଟିକେଟ କାଉଣ୍ଟର, ସାଧାରଣ ଶୌଚାଳୟ, ପାନୀୟଜଳ ଏବଂ ସ୍ୱଚ୍ଛତା ଇତ୍ୟାଦି ମୌଳିକ ସୁବିଧା ର ଅଭାବ ଥିବା କଥା ସରକାରଙ୍କ ନଜରକୁ ଆସିଛି କି, ଯଦି ହଁ ତେବେ ଏସବୁର ଅତିଶୀଘ୍ର ଉନ୍ନତିକରଣ ପାଇଁ କଣ ପଦକ୍ଷେପ ନେବେ, (ଖ) ସୁନ୍ଦରଗଡ ଲୁହୁରାଡିପା ଠାରେ ନିର୍ମିତ ନୂତନ ବସ ଟର୍ମିନାଲର ବର୍ତ୍ତମାନର ସ୍ଥିତି କଣ ଏବଂ ଅନ୍ୟ ଜିଲ୍ଲା ମୁଖ୍ୟାଳୟମାନଙ୍କ ତୁଳନାରେ ସୁନ୍ଦରଗଡର ଦୁଇଟିଯାକ ବସ ଟର୍ମିନାଲର ଉନ୍ନତି କରଣ ଅହେତୁକ ବିଳମ୍ବ ହେଉଥିବାର କାରଣ କଣ ଜଣାଇବା ସହ କେବେ ସୁଦ୍ଧା ଏହି ସମସ୍ୟାର ସମାଧାନ କରିବେ ?

----

### ମହାନଦୀରେ instream storage structure ନିର୍ମାଣ

***294** **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଣିଆ ବ୍ଲକର ରାଉତପଡା ଠାରୁ ଡିମିରିଆ ମଧ୍ୟରେ ମହାନଦୀରେ ପ୍ରସ୍ତାବିତ instream storage structure ନିର୍ମାଣ ପାଇଁ ଅଣତାରକା ପ୍ରଶ୍ନ ସଂଖ୍ୟା-1670 ତା.22.08.2024 ରିଖରେ ମିଳିଥିବା ଉତ୍ତର ଅନୁଯାୟୀ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି ଓ କେବେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ?

----

### ମନ୍ଦରଡ଼ା ଠାରେ ନୂତନ R.I. ଅଫିସ ପ୍ରତିଷ୍ଠା

***295** **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚିକିଟି ନିର୍ବାଚନ ମଣ୍ଡଳୀର ପାତ୍ରପୁର ବ୍ଲକର ଜରଡା ଠାରେ ଥିବା R.I. Office ବହୁତ ଗୁଡିଏ Revenue Village କୁ ନେଇ ଗଠିତ ହୋଇଅଛି, ଏହି ଅଫିସଟି ପ୍ରାୟ ୨୫ କି.ମି. ଦୂରତାକୁ ନେଇ ଗଠିତ ଯାହାଦ୍ୱାରା ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏହାକୁ ଦୃଷ୍ଟିରେ ରଖି ତୁମ୍ବା ଏବଂ ମନ୍ଦରଡା ଠାରେ ନୂତନ R.I. Office ଖୋଲିବାକୁ ବ୍ୟବସ୍ଥା କରିବେ କି ?

----

### New Mineral Blocks approved

***296** **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଇସ୍ପାତ ଓ ଖଣି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- mineral blocks approved for auction in 2025-26 is located in Balangir district; If so, what is the time-frame fixed for allotment and commencement of mining operations, and what safeguards will be ensured for environmental protection and local livelihoods;(b). In view of recent approvals for industrial projects in Odisha, will the Government state

how many direct and indirect employment opportunities are expected to be generated in Balangir district through upcoming steel and mining projects?

----

## ଜିଲ୍ଲା ଖଣି ଓ ଖଣିଜ ସମ୍ପଦ ପାଣ୍ଠି ଖର୍ଚ୍ଚ

***297 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ଜିଲ୍ଲା ଖଣି ଓ ଖଣିଜ ସମ୍ପଦ ପାଣ୍ଠିରୁ ବିଗତ ତିନି ବର୍ଷରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ତାହାର ତାଲିକା ପ୍ରଦାନ ସହ ଖଣି ପ୍ରଭାବିତ ଜିଲ୍ଲାମାନଙ୍କରେ ସମ୍ପୃକ୍ତ ଜିଲ୍ଲାର ଖଣିଜ ପାଣ୍ଠିର ବ୍ୟବହାର ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## OSRT Bus service from Birmaharajpur to Rairakhol

***298 ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ପରିବହନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the govt. state that Bus service from Birmaharajpur to Rairakhol and Bolangir was stopped after running for 4 days, can the Govt. resume the services of the same ?

----

## Agency ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

***299 ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ମୁଖ୍ୟମନ୍ତ୍ରୀ** ଅନୁଗ୍ରହ କରି କହିବେ କି:- ପୁରୀ ନିର୍ବାଚନ ମଣ୍ଡଳୀରେ ଜଳ ସମ୍ପଦ ବିଭାଗ ଜରିଆରେ 1 ଲକ୍ଷରୁ 5 ଲକ୍ଷ ଟଙ୍କା ମୂଲ୍ୟ ଭିତରେ ଆର୍ଥିକ ବର୍ଷ 2023-24, 2024-25 ଏବଂ 2025-26 ପାଇଁ କେତେ ଟଙ୍କାର ବ୍ୟୟ ବରାଦ ହୋଇଥିଲା ଓ କେତେ ଖର୍ଚ୍ଚ ହୋଇସାରିଲାଣି ଏବଂ କେଉଁ କେଉଁ ପ୍ରକଳ୍ପ ପାଇଁ ବ୍ୟୟ ବରାଦ ଯୋଜନା କରାଯାଇଥିଲା ଓ କେଉଁ କାର୍ଯ୍ୟ ପାଇଁ କେଉଁ Agency କାର୍ଯ୍ୟ କରିଥିଲା?

----

## ଭୂମିହୀନ ପରିବାରକୁ ଜମି ପଟ୍ଟା ବଣ୍ଟନ

***300 ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ସରକାର ଘୋଷଣା ଆଧାରରେ କେତେ ଭୂମିହୀନ ପରିବାରକୁ ଘରଡିହ ଯୋଗାଇ ଦେଇଛନ୍ତି ଏବଂ କେତେ ଭୂମିହୀନ ପରିବାରକୁ ଜମି ଦେବାପାଇଁ ପ୍ରତିଶୃତି "ଓଡିଶା ସରକାର ଜମି ବନ୍ଦୋବସ୍ତ ଆଇନ୍ ଓ ଜମି ଜବରଦଖଲ ନିରୋଧ ଆଇନ୍ ଆକ୍ଟ" ଅନୁସାରେ ସେମାନଙ୍କୁ ଭୂମିହୀନ ଜମିର ସତ୍ୱ ଆଧାରରେ ଦେବାକୁ କାମ ଆରମ୍ଭ କରିବେ ?

----